# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 July– 2026**

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍ କୀ ବାତ୍‌ର ୧୩୬ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

---

## ଲୋକସଭା

ଲୋକସଭାରେ ଆସନ୍ତାକାଲି ସରକାର ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ଉପାୟ ନିବାରଣ) ସଂଶୋଧନ ବିଲ୍-୨୦୨୬ ଆଗତ କରିବେ । ଆସନ୍ତାକାଲିର ଗୃହକାର୍ଯ୍ୟସୂଚୀରେ ଏହାକୁ ତାଲିକାଭୁକ୍ତ କରାଯାଇଛି । ଏହି ନୂତନ ବିଲ୍‌ରେ ୨୦୨୪ ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି । କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଗୃହରେ ବିଲ୍‌କୁ ଆଗତ କରିବେ ।

ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷା ପରିଚାଳନାରେ ଅନିୟମିତତା ମାମଲାରେ କଠୋର ଦଣ୍ଡବିଧାନକୁ ସୁନିଶ୍ଚିତ କରିବା ଏବଂ ଫାଷ୍ଟ୍‌ଟ୍ରାକ୍ କୋର୍ଟ ସ୍ଥାପନ ସଂକ୍ରାନ୍ତ ଚିଠା ପ୍ରସ୍ତାବକୁ ଗତ ଶୁକ୍ରବାର ଦିନ କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଥିଲା ।

---

# ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଅର୍ପଣ କରାଯାଇଛି । ଶ୍ରୀ ଯୋଶୀ ଏବେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ପ୍ରକ୍ରିୟାକରଣ, ସାଧାରଣ ବଣ୍ଟନ ଏବଂ ନୂତନ ଓ ନବୀକରଣୀୟ ଶକ୍ତି ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ମନ୍ତ୍ରୀ ପରିଷଦରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଶ୍ରୀ ଯୋଶୀଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁପାରିଶକ୍ରମେ ଶ୍ରୀ ପ୍ରଧାନଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି ।

---

# ପିଏମ୍-ବିକଶିତ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ଆଭାସୀ ଜରିଆରେ ବିକଶିତ ଭାଇବ୍ରେଣ୍ଟ୍ ଭିଲେଜ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କ ସହ ବାର୍ତ୍ତାଳାପ କରିବେ । ଅପରାହ୍ନ ସାଢ଼େ ୪ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ ଜଣ ଯୁବ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ।

---

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଚଳିତ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ୍ ୩୫ଟି ନୂତନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି । ଉଚ୍ଚ କ୍ଷମତାସଂପନ୍ନ କମିଟି ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଏଥିପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମୋଦନ ପ୍ରଦାନ କରାଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ନୂତନ କଲେଜ ଗୁଡ଼ିକରେ କଳା ବିଭାଗରେ ସର୍ବାଧିକ ୧୨୮ଟି, ବିଜ୍ଞାନ ଓ ବାଣିଜ୍ୟରେ ୬୪ଟି ଲେଖାଏଁ ସିଟ୍ ପାଇଁ ଅନୁମତି ପ୍ରଦାନ କରାଯାଇଛି ।

---

## ଅଧରପଣା ନୀତି

ଦ୍ୱାଦଶୀ ତିଥିରେ ଆଜି ରଥ ଉପରେ ଶ୍ରୀଜୀଉଙ୍କର ଗରୁଡ଼ ଶୟନ ନୀତି ଓ ସନ୍ଧ୍ୟାରେ ଅଧରପଣା ନୀତି ଅନୁଷ୍ଠିତ ହେବ ।  ଏହି ନୀତିରେ ମହାପ୍ରଭୁଙ୍କ ଅଧର ଚୁମ୍ବିତ ସ୍ୱତନ୍ତ୍ର ହାଣ୍ଡିରେ ସୁଆର ସେବକଙ୍କ ଦ୍ୱାରା ପ୍ରସ୍ତୁତ ପଣା ଲାଗି କରାଯିବ । ପରେ ଏହାକୁ ରଥ ଉପରେ ଭାଙ୍ଗିଦିଆଯାଇ ସମର୍ପଣ କରିବାର ବିଧି ରହିଛି ।

ଗତକାଲି ସୁନାବେଶ ଦର୍ଶନ ଲାଗି ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ହୋଇଥିଲା । ରାତି ପ୍ରାୟ ୨ଟା ୫ ମିନିଟ୍‌ରେ ଠାକୁରଙ୍କର ସୁନାବେଶ ଓଲାଗି ନୀତି ସଂପନ୍ନ ହୋଇଥିଲା । ଏହା ପରେ ରଥ ଉପରେ ବଡ଼ସିଂହାର ବେଶ ନୀତି ଅନୁଷ୍ଠିତ ହୋଇଛି ।

## କାର୍ଗିଲ ବିଜୟ ଦିବସ

ସମଗ୍ର ଦେଶରେ ଆଜି ୨୭ତମ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି। ୧୯୯୯ ମସିହାରେ ୮୪ଦିନର ଯୁଦ୍ଧରେ ସାରା ବିଶ୍ୱ ଦେଖିଥିଲା ଭାରତୀୟ ସେନାର ଶୌର୍ଯ୍ୟ ଏବଂ ପରାକ୍ରମ। କାର୍ଗିଲ ଯୁଦ୍ଧରେ ପାକିସ୍ତାନକୁ ପରାଜିତ କରିଥିଲେ ଭାରତୀୟ ସେନା । ଏହି ଯୁଦ୍ଧରେ ୫୨୭ ଯବାନ ସହିଦ ହୋଇଥିବା ବେଳେ ୧ ହଜାର ୩୬୩ଜଣ ଆହତ ହୋଇଥିଲେ। ବୀର ଯବାନଙ୍କ ବଳିଦାନ ଯୋଗୁଁ କାର୍ଗିଲର ଟାଇଗର ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ ଭାରତୀୟ ସେନା ବିଜୟ ହାସଲ କରିଥିଲେ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଯୁଦ୍ଧ ସ୍ମାରକୀରେ ଶହୀଦ ବୀର ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବେ ।

## ଗାଜର ଚାଷ

ନବରଙ୍ଗପୁର ଜିଲ୍ଲାରେ ଗାଜର ଚାଷକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଉଦ୍ୟାନ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି । ଆସନ୍ତା ସେପ୍ଟେମ୍ବର ମାସରେ ରାଇଘର ଓ ଉମରକୋଟ ବ୍ଲକର ଶହେ ଏକର ଲେଖାଏଁ ଜମିରେ ପରୀକ୍ଷାମୂଳକଭାବେ ଗାଜର ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭାଗର ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋ ମହାବିଦ୍ୟାଳୟଠାରେ ୭ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ଏଥିରେ ସରକାରୀ ବିଭାଗୀୟ ଅଧିକାରୀ ଯୋଗଦେଇ ଆତ୍ମରକ୍ଷା, ଆତ୍ମନିର୍ଭରତା ଏବଂ ନାରୀସଶକ୍ତିକରଣ ଆଦି ପ୍ରସଙ୍ଗ ଉପରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

---

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି । ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଆଜିପାଇଁ ପ୍ରବଳ ବର୍ଷା ନେଇ ୧୦ଟି ଜିଲ୍ଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତା କାଲିପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି ।

---

# ସାଗରମିତ୍ର-ମତ୍ସ୍ୟଜୀବୀ

ଗଞ୍ଜାମ ଜିଲ୍ଲାରେ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ସାଗର ମିତ୍ର ଜରିଆରେ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଉଛି । ମାଛ ଧରିବା ପାଇଁ ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି, ଶୀଘ୍ର ଫେରିଆସିବାକୁ ବିଭାଗ ପକ୍ଷରୁ

କୁହାଯାଇଛି । କୂଳରେ ଥିବା ଡଙ୍ଗା ଏବଂ ଜାଲକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ମତ୍ସ୍ୟଜୀବୀଙ୍କୁ ବିଭାଗ କହିଛି ।

................................................................................